# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13th July - 2024**

**News Editor : *Itishree Singh Rathuar***

**************************************

## ମୁଖ୍ୟ ସମ୍ବାଦ

- କର୍ତ୍ତବ୍ୟନିଷ୍ଠା ସହ ଉତ୍ତମ ବ୍ୟବହାର ପୁଲିସ୍‌ର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବାରେ ସହାୟକ ହୋଇଥାଏ; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

— ବିଜୁ ପଟ୍ଟନାୟକ ପୁଲିସ୍ ଏକାଡେମୀରେ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କଲେ ୧୧୩ ଜଣ ପୁଲିସ୍ ସବ୍‌ଇନ୍‌ସ୍ପେକ୍ଟର ।

- କଟକର ଏକ ଘରୋଇ ନର୍ସିଂହୋମ୍‌ରେ ନିଆଁ ଲାଗିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ।

- ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆସନ୍ତାକାଲି ଶ୍ରୀଜିଉଙ୍କ ନବମୀ ସନ୍ଧ୍ୟା ଦର୍ଶନ ।

— ସୋମବାର ବାହୁଡ଼ା ଯାତ୍ରା ପାଇଁ ନାକଚଣା ଦ୍ୱାର ସମ୍ମୁଖରେ ତିନିରଥ ପ୍ରସ୍ତୁତ ।

ଏବଂ

- ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା; ପ୍ରବଳ ବର୍ଷା ହେବାନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

# ପ୍ରଶିକ୍ଷାର୍ଥୀ ତାଲିମ

କର୍ତ୍ତବ୍ୟନିଷ୍ଠା ସହିତ ଉତ୍ତମ ବ୍ୟବହାର ପୁଲିସ୍‌ର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ପାସିଙ୍ଗ୍ ଆଉଟ୍ ପରେଡ୍‌ରେ ଆଜି ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀର୍ଘଦିନର ଅବିଶ୍ରାନ୍ତ ପରିଶ୍ରମ ସହ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବା ଉପ-ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀମାନେ ସମାଜ ତଥା ଜନତାଙ୍କୁ ଉପଯୁକ୍ତ ସେବା, ସୁରକ୍ଷା ଏବଂ ନିରାପତ୍ତା ପ୍ରଦାନ କରି ରାଜ୍ୟ ପାଇଁ ସୁନାମ ଆଣିବେ ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପୁଲିସ୍ ମାଓବାଦୀ ମୁକାବିଲା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଆସୁଛି । ଆଗାମୀ ଓଡ଼ିଶା ମାଓବାଦୀମୁକ୍ତ ହେବ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ପୁଲିସ ଆଧୁନିକୀକରଣ ଏବଂ ପୁଲିସ ବ୍ୟବସ୍ଥାରେ ସଂସ୍କାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ, ଆଜି ୧୧୩ ଜଣ ସଶସ୍ତ୍ର ପୁଲିସ୍ ସବ୍‌ଇନ୍‌ସ୍ପେକ୍ଟରଙ୍କ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହୋଇଛି ।

*Desk, Cuttack/R*

## ନର୍ସିଂହୋମ୍ - ଅଗ୍ନିକାଣ୍ଡ

କଟକର ଏକ ଘରୋଇ ନର୍ସିଂହୋମ୍‌ରେ ନିଆଁ ଲାଗିବା ଘଟଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣାର ଉଚ୍ଚସ୍ତରୀୟ ତଦନ୍ତପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଅଗ୍ନି ନିରାପତ୍ତା ଜନିତ ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାପାଇଁ ସେ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଯଥାଶୀଘ୍ର ଅନ୍ୟାନ୍ୟ ଚିକିତ୍ସାଳୟକୁ ନେଇ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସଚିବ ଓ କଟକ ଜିଲ୍ଲାପାଳଙ୍କୁ କହିଛନ୍ତି । ରୋଗୀମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି ।

ସୂଚନା ଅନୁସାରେ, କଟକ ପୁରୀଘାଟ ଥାନା ନିକଟ ଏକ ଘରୋଇ ନର୍ସିଂହୋମ୍‌ର ତୃତୀୟ ମହଲାରେ ଆଜି ଅପରାହ୍ଣରେ ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି ।

*HS*

# ଏଲ୍.ଇ.ଡି. ଭିଡ଼ିଓ ୱାଲ୍

ରାଜ୍ୟ କୃଷି ବିଭାଗ ପକ୍ଷରୁ ଆଜି ୫୮ଟି ସବ୍‌ଡିଭିଜନରେ ଏଲ୍‌ଇଡି ଭିଡିଓ ୱାଲ କାର୍ଯ୍ୟକ୍ଷମ କରାଯାଇଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦାୟିତ୍ୱରେ ଥିବା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ପୂର୍ବାହ୍ନରେ କୃଷି ଭବନ ସମ୍ମିଳନୀ କକ୍ଷରେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଚାଷୀମାନଙ୍କ ମଧ୍ୟରେ ସୂଚନାର ପ୍ରଚାର ପ୍ରସାର ପାଇଁ କୃଷି ବିଭାଗର ଏହି ପଦକ୍ଷେପ ସମଗ୍ର ଭାରତବର୍ଷରେ ପ୍ରଥମ । ଏଭଳି ଅଭିନବ ପ୍ରୟାସ ପାଇଁ ସେ ବିଭାଗର ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସୂଚନା ଅନୁସାରେ କୃଷି ବିଭାଗର ସମସ୍ତ କଲ୍ୟାଣକାରୀ ଯୋଜନା, ଚାଷ ସମ୍ବନ୍ଧୀୟ ସୂଚନା ଓ ଉପଲବ୍ଧ ସୁବିଧାଗୁଡିକ ଭିଡିଓ ୱାଲ ମାଧ୍ୟମରେ ଚାଷୀମାନେ ଜାଣି ପାରିବେ ।

*Baragarh/R*

# ରାଜସ୍ୱ ମନ୍ତ୍ରୀଙ୍କ ବରଗଡ଼ ଗସ୍ତ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମନ୍ତ୍ରୀ ଶ୍ରୀ

ପୂଜାରୀ ପ୍ରଥମେ ବରଗଡ଼ ପଞ୍ଚାୟତ କଲେଜକୁ ଯାଇ କଲେଜର ଜମିଜମା ସଂକ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏହାପରେ ସେ ବରଗଡ଼ ନିଶାମଣି ବିଦ୍ୟାଳୟଠାରେ ନିର୍ମାଣ ହେବାକୁ ଥିବା କୋଠା ଏବଂ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମହାନଦୀ କୋଲ୍‌ଡ୍ ଫିଲ୍‌ଡ୍‌ର ୫୦ ଲକ୍ଷ ଟଙ୍କା ଅନୁଦାନରେ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

*Desk*

## ରଥ ଦକ୍ଷିଣମୋଡ଼

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରୁଛନ୍ତି। ଆଜି ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇଛି। ଗତକାଲି ତିନିରଥ ଦକ୍ଷିଣ ମୋଡ଼ ନେଇ  ଆଜ୍ଞାମାଳ ବିଜେ ହେବା ପରେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ଏବଂ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଦକ୍ଷିଣ ମୋଡ଼ କରାଯାଇଥିଲା। ଏବେ ତିନିରଥ ନାକଚଣା ଦ୍ୱାର ସମ୍ମୁଖରେ ରହିଛି। ଆସନ୍ତାକାଲି ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନବମୀ ସନ୍ଧ୍ୟା ଦର୍ଶନ କରିପାରିବେ । ସୋମବାର ଦିନ ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।

ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବାହୁଡାଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ରଥ ଉପରେ ଆବଶ୍ୟକ ସଂଖ୍ୟାଠାରୁ ଅଧିକ ସେବାୟତ ନ ରହିବା ପାଇଁ ଶ୍ରୀ

ପାଢ଼ୀ କହିଛନ୍ତି। ଏଥିସହ ରଥ ଉପରକୁ ମୋବାଇଲ୍ ଫୋନ୍ ନେବାପାଇଁ ନିଷିଦ୍ଧ କରାଯାଇଛି। ଏହାର ଅବମାନନା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବା ସହ ଜଡ଼ିତ ନଥିବା ବ୍ୟକ୍ତିଙ୍କୁ ରଥ ଉପରେ ଚଢ଼ିବାକୁ ବାରଣ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତିକୁ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଶ୍ରୀ ପାଢ଼ୀ ସେବାୟତମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

*Desk*

## ଉପମୁଖ୍ୟମନ୍ତ୍ରୀ - ପଦଯାତ୍ରା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସକାଳେ ପୁରୀ ଜିଲ୍ଲା ନିମାପଡ଼ାର ମା’ ପୂର୍ଣ୍ଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ କାକଟପୁରର ମା’ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଐତିହ୍ୟ ପଦଯାତ୍ରା କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ପର୍ଯ୍ୟଟନର ବିକାଶ ହେବ । ବିଶେଷକରି ନିମାପଡ଼ା ଓ କାକଟପୁର ଅଞ୍ଚଳରେ ଥିବା ଅନେକ ଛୋଟବଡ଼ ମନ୍ଦିରଗୁଡ଼ିକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯିବ ।

*Desk*

# ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ

କେନ୍ଦ୍ର କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ ଗତ ଆର୍ଥିକ ବର୍ଷରେ ଉତ୍ପାଦନ, ବିକ୍ରି ଓ ନୂତନ ରୋଜଗାର ଦେବାରେ ନୂତନ ରେକର୍ଡ ସୃଷ୍ଟି କରିଛି। ଆୟୋଗର ଆକଳନ ଅନୁସାରେ, ପ୍ରଥମ ଥର ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ ବିକ୍ରିବଟା କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧ ହଜାର ୫୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୧ ହଜାର ୩୪ ଲକ୍ଷ କୋଟି ଟଙ୍କାର ବିକ୍ରୟ ହୋଇଥିଲା। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ଆୟୋଗର ଉଦ୍ୟମରେ ଗ୍ରାମାଞ୍ଚଳରେ ୧୦ ଲକ୍ଷ ୧୭ ହଜାର ନୂତନ ରୋଜଗାର ସୃଷ୍ଟି ହୋଇଥିବା ଜଣାପଡିଛି। ଆୟୋଗର ଅଧ୍ୟକ୍ଷ ମନୋଜ କୁମାର ଏହି ସଫଳତା ବିଷୟରେ କହିଛନ୍ତି, ଖଦୀ ସାମଗ୍ରୀ ଉପରେ ଲୋକଙ୍କର ବିଶ୍ୱାସ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ମେକ୍ ଇନ୍ ଇଣ୍ଡିଆ' ଓ 'ଭୋକାଲ ଫର୍ ଲୋକାଲ୍' ତଥା ସ୍ୱଦେଶୀ ସାମଗ୍ରୀ ଉପରେ ଜନସାଧାରଣ ଭରସା କରୁଥିବା ସେ କହିଛନ୍ତି।

*Desk*

## ଷ୍ଟାର୍ଟ ଅପ୍ ଯୋଜନା

ରାଜ୍ୟରେ ଜାରି ରହିଥିବା ଷ୍ଟାର୍ଟ-ଅପ୍ ଓଡ଼ିଶା ଯୋଜନାରେ କେତେକ ପରିବର୍ତ୍ତନ କରାଯାଇଛି । ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ନିର୍ଦ୍ଦେଶକ ଓ ନିର୍ଦ୍ଦେଶକମଣ୍ଡଳୀଙ୍କ ଆର୍ଥିକ କ୍ଷମତାରେ ପରିବର୍ତ୍ତନ କରାଯାଇଛି । ପୂର୍ବ ସରକାରର ସମସ୍ତ ନିର୍ଦ୍ଦେଶାବଳୀକୁ ରଦ୍ଦ କରାଯାଇ ଏମ୍.ଏସ୍.ଏମ୍.ଇ ବିଭାଗ ପକ୍ଷରୁ ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ ଷ୍ଟାର୍ଟ-ଅପ୍ ଓଡ଼ିଶା ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ଉପଦେଷ୍ଟା, ଆଉଟ୍‌ସୋର୍ସିଂ କର୍ମଚାରୀ ଏବଂ ନିର୍ମାଣ କାର୍ଯ୍ୟ ପାଇଁ କ୍ଷମତା ନିର୍ଦ୍ଧାରଣ କରାଯାଇଛି । ଏଥିରେ ନିର୍ବାହୀ ନିର୍ଦ୍ଦେଶକଙ୍କ ଆର୍ଥିକ କ୍ଷମତା ସର୍ବାଧିକ ୧ କୋଟି ଟଙ୍କା ସ୍ଥିର କରାଯାଇଥିବା ବେଳେ ନିର୍ଦ୍ଦେଶକମଣ୍ଡଳୀଙ୍କ କ୍ଷମତା ସର୍ବାଧିକ ୧୦ କୋଟି ଟଙ୍କା ରଖାଯାଇଛି । ବଜେଟ୍ ଏବଂ ସରକାରୀ ନିୟମ ଅନୁପାଳନ କରି ଖର୍ଚ୍ଚ କରିବା ଲାଗି ବିଭାଗୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି ।

*Desk*

## ଗୌରୀଶଙ୍କର ଜୟନ୍ତୀ

ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା କର୍ମବୀର ଗୌରୀଶଙ୍କର ରାୟଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ତାଙ୍କ ସମ୍ପାଦନାରେ ପ୍ରଥମ

ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା । ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବେ ପରିଚିତ କର୍ମବୀର ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ କରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ସ୍ୱର ଉତ୍ତୋଳନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଭାଷାଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାପାଇଁ କାଳଜୟୀ କର୍ମବୀର ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ ଥିଲା।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ଗୌରୀଶଙ୍କର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଗୌରୀଶଙ୍କର ରାୟଙ୍କ ଜୀବନାଦର୍ଶ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ।

***Met. O.***

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆଜି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜିଠାରୁ

୪ଦିନ ଯାଏଁ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଜିଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ଏବଂ କେତେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବ।

ଅସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି ।

*****